# ଦୀନ୍‌ଦୟାଲ୍‌ଜୀ ଓ ପ୍ରସନ୍ନଭାଇ

୦୭/୦୯/୨୦୦୯

ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ଆମର ଅନ୍ୟ ଏକ ସାଂସ୍କୃତିକ ପରମ୍ପରା । ଗାଁ-ଗହଳିଠାରୁ ଆରମ୍ଭ କରି ରାଜଧାନୀ ସହର ପର୍ଯ୍ୟନ୍ତ ସବୁ ଜାଗାରେ ଆଦର୍ଶ ପୁରୁଷମାନଙ୍କର ପ୍ରତିମୂର୍ତ୍ତି ଦେଖିବାକୁ ମିଳେ । ପାର୍ଲାମେଣ୍ଟ ଭବନରେ ନିଜନିଜର ପୂର୍ବସୂରୀମାନଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିଟିଏ ସ୍ଥାପନ କରିବା କିମ୍ବା ସେଣ୍ଟ୍ରାଲ୍ ହଲ୍‌ରେ ଚଳଚ୍ଚିତ୍ରଟିଏ ଟାଙ୍ଗିବା ତ ଆମ ରାଜନୈତିକ ନେତାମାନଙ୍କ ପାଇଁ ଆଜି ଏକ ମର୍ଯ୍ୟାଦାର ପ୍ରଶ୍ନ । ଆମ ନେତାଙ୍କ ଛବି ଥାଇ ଡାକଟିକଟଟିଏ ଉନ୍‌ମୋଚନ କରିବା, କୌଣସି ଅନୁଷ୍ଠାନକୁ ତାଙ୍କୁ ସମର୍ପିତ କରିବା କିମ୍ବା ରାସ୍ତାଟିକୁ ତାଙ୍କ ନାଁରେ ନାମିତ କରିବା ସବୁ ଏହି ମାନସିକତାର ଅଂଶବିଶେଷ । ତେଣୁ ରାଜଧାନୀ ସହରରେ ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତି ଉନ୍‌ମୋଚନରେ ସେପରି କୌଣସି ଅସ୍ୱାଭାବିକତା ନାହିଁ । ଏହି ଉନ୍‌ମୋଚନ ଅବସରରେ ସାମ୍ବାଦିକ ଓ ସାଧାରଣ ଲୋକଙ୍କର ନିରୀହ ପ୍ରଶ୍ନଗୁଡ଼ିକର ଉତ୍ତର ନ ଦେଇ କିନ୍ତୁ ଉତ୍ତେଜିତ ହେବା ଆମ ବିଚାରରେ ଅସ୍ୱାଭାବିକ ।

ଗତ ସପ୍ତାହରେ ରାଜଧାନୀ ସହର ଭୁବନେଶ୍ୱରରେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟାଳୟ ସମ୍ମୁଖରେ ଓ ରାଜମହଲ ଛକଠାରେ ପଣ୍ଡିତ ଦୀନ୍‌ଦୟାଲ୍ ଉପାଧ୍ୟାୟ ଏବଂ ଡକ୍ଟର ହରେକୃଷ୍ଣ ମହତାବଙ୍କର ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଉନ୍‌ମୋଚିତ ହୋଇଛି । ସାମ୍ବାଦିକଙ୍କର ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି, ଖାଲି କ'ଣ ଗାନ୍ଧିଜୀଙ୍କର ପ୍ରତିମୂର୍ତ୍ତି ଉନ୍‌ମୋଚନ ହେଉଥିବ, ଏବେ ଏଣିକି ଓଡ଼ିଶା ସରକାର ପଣ୍ଡିତ ଦୀନ୍‌ଦୟାଲ୍‌ଙ୍କର ଆଦର୍ଶରେ ଚାଲିବ । ମାନ୍ୟବର ମନ୍ତ୍ରୀ ଭୁବନେଶ୍ୱର ସହରକୁ ଅଧିକ ସୁନ୍ଦର କରିବାପାଇଁ ଏପରି ଯୋଜନା କରିଛନ୍ତି । ଏହା ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ଆନନ୍ଦର କଥା । ପ୍ରତିମୂର୍ତ୍ତି ଉନ୍‌ମୋଚନ ବାହାନାରେ ମାତ୍ର କେଇଦିନ ମଧ୍ୟରେ ରାଜଧାନୀର ଆବର୍ଜନାପୂର୍ଣ୍ଣ ଖାଲିସ୍ଥାନଗୁଡ଼ିକ ଯଦି ସବୁଜିମାଭରା ଉଦ୍ୟାନରେ ପରିଣତ ହୋଇପାରିବ, ତାହାହେଲେ ଆମେ ଭାରତୀୟ ଜନତା ପାର୍ଟି ଓ ବିଜୁ ଜନତା ଦଳର ଯେକୌଣସି କୁଜିନେତାଙ୍କର ପ୍ରତିମୂର୍ତ୍ତିକୁ ମଧ୍ୟ ଗ୍ରହଣ କରିବାକୁ ସଂକୋଚ କରିବୁନାହିଁ । କିନ୍ତୁ ଆଜି ଏ ପ୍ରସଙ୍ଗରେ ଆମକୁ ସଂଗଠନ ଦାୟିତ୍ୱରେ ଥିବା ଦଳର ସାଧାରଣ ସମ୍ପାଦକ ପ୍ରସନ୍ନ ମିଶ୍ର, ଯାହାଙ୍କୁ ପ୍ରସନ୍ନ ଭାଇ ବୋଲି ସମସ୍ତେ ଅଧିକ ଜାଣନ୍ତି, ତାଙ୍କର ବିବୃତି ଅଧିକ ବ୍ୟଥିତ କରୁଛି । ପ୍ରସନ୍ନଭାଇ ଓଲଟା ପ୍ରଶ୍ନ କରିଛନ୍ତି ଯେ, ଦୀନ୍‌ଦୟାଲ୍‌ଙ୍କ ସମ୍ପର୍କରେ କାହିଁକି ବିବାଦ ହେଉଛି ସେ ବୁଝିପାରୁନାହାନ୍ତି । ଅଧିକ ଉତ୍ତେଜିତ ହୋଇ ନୂଆପିଢ଼ିର ସମସ୍ତେ ଇତିହାସ ଜାଣିବା ଦରକାର ବୋଲି ସେ ପୁଣି ଚେତେଇ ଦେଇଛନ୍ତି । ପ୍ରସନ୍ନଭାଇ ନିରୀହ ପ୍ରଶ୍ନକର୍ତ୍ତାଙ୍କୁ ବୁଝିପାରୁନାହାନ୍ତି, ଆମେ ମଧ୍ୟ ପ୍ରସନ୍ନଭାଇଙ୍କ ଉତ୍ତେଜନାକୁ ଆଦୌ ବୁଝିପାରୁନାହୁଁ । ମୋତେ ମଧ୍ୟ ସେଦିନ ଜଣେ ସାଧାରଣ ଜନତା ଏଭଳି ନିରୀହ ପ୍ରଶ୍ନଟିଏ ପଚାରିଥିଲା- 'ସାର୍ ! ଆପଣ ତ ବିଜେପିରେ ଥିଲେ । ଏହି ଅଫିସ୍ ଆଗରେ ଯେଉଁ ମୂର୍ତ୍ତିଟି ସ୍ଥାପିତ ହୋଇଛି, ସେଇଟି କାହାର ?' ଡକ୍ଟର ହରେକୃଷ୍ଣ ମହତାବଙ୍କ ସମ୍ପର୍କରେ ସେ ଏପରି ପ୍ରଶ୍ନ ପଚାରିନଥିଲା । ମହାତ୍ମା ଗାନ୍ଧି, ଆମ୍ବେଦକର ବା ଶ୍ରୀମତୀ ଗାନ୍ଧିଙ୍କର ପ୍ରତିମୂର୍ତ୍ତି ତାକୁ ଏପରି ଅନୁସନ୍ଧିତ୍ସୁ କରିନଥିଲା । ସ୍ୱାଭାବିକ ଭାବରେ ପଣ୍ଡିତ ଦୀନ୍‌ଦୟାଲ୍‌ଙ୍କ ବିଷୟରେ ସେ ସମ୍ପୂର୍ଣ୍ଣ ଅଜ୍ଞ ଥିଲା । ତା'ର ଏ ଅଜ୍ଞତା ପାଇଁ ଦାୟୀ କିଏ ? ଇତିହାସ ଶିକ୍ଷକ ନା ପ୍ରସନ୍ନ ଭାଇ ? ସେଦିନ ମୁଁ ପ୍ରଶ୍ନକର୍ତ୍ତାଙ୍କୁ ଯାହା ବୁଝାଇଥିଲି, ଆଜି ପ୍ରସନ୍ନଭାଇଙ୍କୁ ତାହା ବୁଝାଇଦେବା ଆବଶ୍ୟକ ମନେକରୁଛି ।

ଆଜିର ଭାରତୀୟ ଜନତା ପାର୍ଟି ୧୯୮୦ ମସିହାରେ ଜନ୍ମଲାଭ କରିଥିଲା । ଏହାର ପୂର୍ବଜ ଭାରତୀୟ ଜନସଂଘ ଥିଲା । ଯାହା ୧୯୫୨ ମସିହାରେ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ନେତୃତ୍ୱରେ ସ୍ଥାପିତ ହୋଇଥିଲା । ଜରୁରୀକାଳୀନ ପରିସ୍ଥିତି ପରେ ଶ୍ରୀମତୀ ଗାନ୍ଧୀ ଯେତେବେଳେ ନିର୍ବାଚନ ଘୋଷଣା କଲେ, ଶ୍ରୀମତୀ ଗାନ୍ଧୀଙ୍କର ଏକଛତ୍ରବାଦ ବିରୁଦ୍ଧରେ ଲୋକନାୟକ ଜୟପ୍ରକାଶଙ୍କ ଆହ୍ୱାନରେ ସମସ୍ତ ବିରୋଧୀ ଦଳ ମିଶି ଜନତାଦଳ ଗଠନ କରିଥିଲେ । ଜନସଂଘ ମଧ୍ୟ ଏହା ସହିତ ସାମିଲ୍ ଥିଲା । ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ସ୍ୱାଧୀନତା ପରେ ଯେତେବେଳେ ଜନସଂଘ ଗଠନ କଲେ, ଦଳର ସଂଗଠନ ଦାୟିତ୍ୱ ତୁଲାଇବା ପାଇଁ ସେ ଜଣେ ନିଷ୍ଠାପର ଆଦର୍ଶ କର୍ମୀଙ୍କୁ ଲୋଡ଼ିଲେ ଏବଂ ସଂଘର ପ୍ରଚାରକମାନଙ୍କ ମଧ୍ୟରୁ ଜଣଙ୍କୁ ଦେବାପାଇଁ ଗୁରୁଜୀଙ୍କୁ ଅନୁରୋଧ କଲେ । ଦୀନ୍‌ଦୟାଲ୍ ଉପାଧ୍ୟାୟଜୀଙ୍କୁ ଜନସଂଘର ସଂଗଠନ ଦାୟିତ୍ୱ ତୁଲାଇବା ପାଇଁ ଗୁରୁଜୀ ବାଛିଥିଲେ । ସେ ଜନସଂଘର ପ୍ରଥମ ସାଧାରଣ

## ଆମ ଘରର ହାଲ୍‌ଚାଲ୍

### ସୌମ୍ୟରଂଜନ ପଟ୍ଟନାୟକ

ସମ୍ପାଦକ ହେଲେ । ୧୯୬୭ ମସିହା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇଥିଲେ ଏବଂ ପରେ ଜନସଂଘର ସଭାପତି ମଧ୍ୟ ହୋଇଥିଲେ । ୧୯୬୮ ମସିହା ଫେବ୍ରୁଆରି ୧୧ ତାରିଖରେ ମାତ୍ର ୫୨ ବର୍ଷ ବୟସରେ ରେଳଯାତ୍ରା କରୁଥିବା ସମୟରେ ଅତ୍ୟନ୍ତ ସନ୍ଦେହଜନକ ଅବସ୍ଥାରେ ତାଙ୍କର ମୃତଦେହ ମୋଗଲ ସରାଇ ନିକଟସ୍ଥ ରେଳ ଲାଇନ୍‌ରୁ ମିଳିଥିଲା । ଦୀନ୍‌ଦୟାଲ୍‌ଜୀଙ୍କୁ ଭାରତୀୟ ଜନତା ପାର୍ଟି ତଥା ଜନସଂଘର ଅସଲ ପ୍ରତିଷ୍ଠାତା କହିଲେ ଅତ୍ୟୁକ୍ତି ହେବନାହିଁ । ଗାନ୍ଧି ହତ୍ୟାପରେ ଜନସଂଘର ଲୋକମାନଙ୍କୁ ଏବଂ ସଂଘର ସ୍ୱୟଂସେବକମାନଙ୍କୁ ଯେଭଳି ନିନ୍ଦିତ ଓ ଲାଞ୍ଛିତ ହେବାକୁ ପଡ଼ିଥିଲା, ସେ ଅବସ୍ଥା ଆଜିର ବିଜେପିବାଲାଏ କି ନୂଆପିଢ଼ିର ସ୍ୱୟଂସେବକମାନେ ଚିନ୍ତା ମଧ୍ୟ କରିପାରିବେ ନାହିଁ । ଦୀନ୍‌ଦୟାଲ୍‌ଜୀ ଏହି ପ୍ରତିକୂଳ ପରିସ୍ଥିତିକୁ ହସି ହସି ମୁକାବିଲା କରିଥିଲେ । ଦଳଟିଏ ଗଢ଼ିବା ପାଇଁ କେତେ କଷ୍ଟ ସ୍ୱୀକାର କରିବାକୁ ପଡ଼େ, କେତେ ତ୍ୟାଗ କରିବାକୁ ପଡ଼େ, କେତେ ଧୈର୍ଯ୍ୟ ଓ ସହନଶୀଳତାର ଆବଶ୍ୟକତା ଥାଏ, ସାଧାରଣ କର୍ମୀଟିଏଠାରୁ ଆରମ୍ଭ କରି ପୃଷ୍ଠପୋଷକ ଓ ନେତୃମଣ୍ଡଳୀଙ୍କୁ କିଭଳି ଓ କିପରି ବ୍ୟବହାର କରିବାକୁ ପଡ଼େ, ଏ ସବୁ ଯଦି ନୂଆଦଳ ଗଢୁଥିବା ବ୍ୟକ୍ତିମାନେ ଜାଣିବାକୁ ଚାହାଁନ୍ତି, ତାହାହେଲେ ଏହା ତାଙ୍କୁ କୌଣସି ଗୋଟିଏ ବହିରୁ ମିଳିବ ନାହିଁ; ବରଂ ଦୀନ୍‌ଦୟାଲ୍‌ଙ୍କ ଜୀବନୀ ତାଙ୍କପାଇଁ ଏକ 'କୁଇକ୍ ସକ୍‌ସେସ୍ ସିରିଜ୍' ପରି କାମ କରିବ । ମାତ୍ର ଛ'ମାସରେ ଦୀନ୍‌ଦୟାଲ୍‌ଜୀ ପିତାଙ୍କୁ ହରାଇଥିଲେ । ୬ ବର୍ଷରେ ମାଆ ଚାଲିଗଲେ । ହିନ୍ଦୁ ଯୌଥ ପରିବାରରେ ଯାହା ହୁଏ ତାହା ହିଁ ତାଙ୍କ କ୍ଷେତ୍ରରେ ହେଲା । ଅଜାଘରେ ଓ ମାମୁଘରେ ବଢ଼ିଲେ, ପଢ଼ିଲେ । ଭଲ ଛାତ୍ର ଥିଲେ । ସର୍ବୋଚ୍ଚ ଡିଗ୍ରୀ ହାସଲ କଲେ । ଚାକିରି ନଂ କରି ଦେଶସେବା ପାଇଁ ମନ ବଳେଇଲେ ଏବଂ ସଂଘରେ ନିଜକୁ ସମର୍ପିତ କଲେ । ରାଜନୀତିରେ ଆଦୌ ରୁଚି ରଖୁନଥିଲେ । ସଂଘର ଶୃଙ୍ଖଳିତ ସ୍ୱୟଂସେବକ ଭାବରେ ଆହ୍ୱାନକୁ ଏଡ଼ାଇ ନ ପାରି ଜନସଂଘର ସଂଗଠନ ଦାୟିତ୍ୱ ମଧ୍ୟ ନେଲେ । ମାତ୍ର ୧୬ ବର୍ଷ ମଧ୍ୟରେ ଜନସଂଘକୁ ଏକ ବିକଳ୍ପ ରାଜନୈତିକ ଶକ୍ତି ଭାବରେ ଉପସ୍ଥାପିତ କରିବାରେ ସଫଳ ହେଲେ । ତାଙ୍କ ଉଦ୍ୟମରେ ୬୦ ଦଶକରେ ଉତ୍ତର ଭାରତରେ କଂଗ୍ରେସର ଭିତ୍ତିଭୂମି କେବଳ ଦୋହଲିଗଲା ନାହିଁ, ଉତ୍ତରପ୍ରଦେଶରେ ଜନସଂଘ ମିଳିତ ସରକାରରେ ଯୋଗଦେଇ କ୍ଷମତାସୀନ ହେଲା । ଅନେକ କୁହନ୍ତି- ଦୀନ୍‌ଦୟାଲ୍‌ଜୀ ବଞ୍ଚିଥିଲେ ଜନସଂଘର ରୂପରେଖ ବହୁ ପୂର୍ବରୁ ଅଧିକ ସଫଳ ଓ ଭିନ୍ନ ହୋଇଥାନ୍ତା । ରାଜନୈତିକ ଦଳପାଇଁ କେବଳ ଶୃଙ୍ଖଳା, ସଂଗଠନ, ତ୍ୟାଗ ବା ନିଷ୍ଠା ଯଥେଷ୍ଟ ନୁହେଁ । ସମାଜ ଓ ଅର୍ଥନୈତିକ ବ୍ୟବସ୍ଥା ସମ୍ପର୍କରେ ସ୍ପଷ୍ଟ ନୀତି ଓ ଆଭିମୁଖ୍ୟ ଏକାନ୍ତ ଅପରିହାର୍ଯ୍ୟ । ଜନସଂଘରେ ମଧ୍ୟ ଏ ଅଭାବ ଅନୁଭୂତ ହେଲା । ସେତେବେଳେ ସାମ୍ୟବାଦୀ ଏବଂ ପୁଂଜିବାଦୀଙ୍କ ମଧ୍ୟରେ ଟଣାଓଟରା ଚାଲିଥାଏ । କଂଗ୍ରେସବାଲା ଗାନ୍ଧିଜୀଙ୍କୁ ମାନିନେଇ ଗାନ୍ଧିବାଦୀ ତ ହୋଇଥିଲେ, ପୁଣି ନେହେରୁଙ୍କ ନେତୃତ୍ୱରେ ପୁଂଜିବାଦ ଓ ସାମ୍ୟବାଦର ନିରାପଦ ଦୂରତ୍ୱରେ ରହି ମିଶ୍ର ଅର୍ଥନୀତି କଥା କହୁଥିଲେ । ଏଭଳି ପରିସ୍ଥିତିରେ ଜନସଂଘ କିଭଳି ନୀତିକୁ ଆପଣାଇଲେ ଅଧିକ ପ୍ରାସଙ୍ଗିକ ହେବ ସେଇକଥା ଚିନ୍ତା କରାଯାଉଥିଲା । ପଣ୍ଡିତ ଦୀନ୍‌ଦୟାଲ୍‌ଜୀଙ୍କର 'ଏକାତ୍ମ ମାନବବାଦ ଏବଂ ଅନ୍ତ୍ୟୋଦୟ' ଏ ଅଭାବବୋଧକୁ କେବଳ ଦୂର କରିନଥିଲା, କଂଗ୍ରେସ ନୀତିର ଠିକଣା ଜବାବ ଦେଇଥିଲା । ଆଜି ମଧ୍ୟ ଆମର ମୌଳିକ ସମସ୍ୟାଗୁଡ଼ିକର ସମାଧାନ ପାଇଁ 'ଏକାତ୍ମ ମାନବବାଦ ଓ ଅନ୍ତ୍ୟୋଦୟ'ର ବିକଳ୍ପ ନାହିଁ । ଏହା ପୁଂଜିବାଦୀ ନୁହେଁ କି ସାମ୍ୟବାଦୀ ନୁହେଁ, ଏହା ମାନବବାଦୀ । ମଣିଷର ସର୍ବାଙ୍ଗୀନ ଉନ୍ନତି ଏହାର କାମ୍ୟ । କେବଳ ଖାଇପିଇ ବଞ୍ଚି ରହିଲେ ମଣିଷ ସୁଖୀ ହୁଏ ନାହିଁ । ଅସଲ ସୁଖ ତା'ର ସର୍ବାଙ୍ଗୀନ ଉନ୍ନତିରେ ହିଁ ମିଳେ । ପୁଣି ସବୁ ମଣିଷଙ୍କର ଏ ଉନ୍ନତିରେ ଭାଗ ରହିବା ଦରକାର । ସମାଜର ସର୍ବନିମ୍ନ ବ୍ୟକ୍ତିକୁ ସାମଗ୍ରିକ ସୁଖସମୃଦ୍ଧି ଓ ସ୍ୱାଭିମାନର ଭାଗୀଦାର କରାଇବା ଏହାର ମୂଳ ଲକ୍ଷ୍ୟ ଥିଲା । ଦୀନ୍‌ଦୟାଲ୍‌ଙ୍କ ସମ୍ପର୍କରେ ମୁଁ ଆଉ କିଛି କହିବା ଆଗରୁ ନିରୀହ ପ୍ରଶ୍ନକର୍ତ୍ତାଟି ଆଉ ଗୋଟିଏ ପ୍ରଶ୍ନ କରି ମୋତେ ଚୁପ୍ କରାଇଦେଲା । ପଣ୍ଡିତ ଦୀନ୍‌ଦୟାଲ୍‌ଜୀ ପ୍ରକୃତରେ ଜଣେ ମହାପୁରୁଷ ଥିଲେ । କିନ୍ତୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ଯେଉଁ ନେତାମାନେ ତାଙ୍କ ପ୍ରତିମୂର୍ତ୍ତି ପାଖରେ ନିଜର ଫଟୋଚିତ୍ର ଉତ୍ତୋଳନ କରୁଛନ୍ତି, ସେମାନଙ୍କ ଆଚରଣରେ କାହିଁ କେବେ ଦୀନ୍‌ଦୟାଲ୍‌ଙ୍କର ପ୍ରଭାବ ବା ଛାପ ଦେଖିବାକୁ ମିଳୁନାହିଁ । ଦୀନ୍‌ଦୟାଲ୍ ତ ନିଜ ଜାମା ନିଜେ ସିଲେଇ କରୁଥିଲେ । ଆମ ବିଜେପି ମନ୍ତ୍ରୀମାନେ ଅଫିସ୍ ଗୃହରେ ନୂଆ ମାର୍ବଲ୍ ନ ପଡ଼ିବା ପର୍ଯ୍ୟନ୍ତ ଦେଶସେବା ଆରମ୍ଭ କରିପାରିଲେ ନାହିଁ । ଜନସଂଘକୁ ନୂଆକରି ଗଢ଼ିବାପାଇଁ ଦୀନ୍‌ଦୟାଲ୍‌ଙ୍କୁ ସଂଘ ତରଫରୁ ପଠାଯାଇଥିଲା । ଓଡ଼ିଶାରେ ଭାରତୀୟ ଜନତା ପାର୍ଟିକୁ ସଂଗଠିତ କରିବାପାଇଁ ସଂଘର ଓଡ଼ିଶା ଶାଖା ତାଙ୍କର ଜଣେ ସ୍ୱୟଂସେବକ ପ୍ରସନ୍ନ ମିଶ୍ରଙ୍କୁ ବିଜେପିକୁ